بسم الله الرحمن الرحيم

**ଖୁତ୍‌ବା ଜୁମା ୨୭ ଜାନୁୟାରୀ ୨୦୨୩ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ୟୁ.କେ)**

# ନୈଷ୍ଠିକତା ଓ ବିଶ୍ୱସ୍ତତାର ଚଳନ୍ତି ପ୍ରତିମା ତଥା ହ. ମୁହମ୍ମଦ ସ.ଅଙ୍କ କେତେକ ମହାମାନ୍ୟ ବଦ୍‌ରୀ ସାହାବାମାନଙ୍କର ପବିତ୍ର ଜୀବନୀ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଊଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ଵାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; ଆଜି ସାହାବାମାନଙ୍କର ଜୀବନୀ ଚର୍ଚ୍ଚା କ୍ରମରେ ଯେଉଁ ସାହାବାମାନଙ୍କର ଜୀବନୀ ଚର୍ଚ୍ଚା କରିବି ତନ୍ମଧ୍ୟରେ ପ୍ରଥମ ସାହାବି ହେଲେ ହ. ଅବୁ ଲବାବା ବିନ୍ ଅବ୍‌ଦୁଲ୍ ମୁନ୍‌ଜର ର.ଅ । ତାଙ୍କ ସଂକ୍ରାନ୍ତରେ ଅନ୍ୟ କେତେକ ବର୍ଣ୍ଣନା ରହିଛି । ଅଲ୍ଲାମା ଇବ୍‌ନେ ଅବ୍‌ଦୁଲ୍ ବର୍ ନିଜର ପୁସ୍ତକ ତସ୍‌ନିଫୁଲ୍ ଇସ୍ତିଆବ୍‌ରେ ଉଲ୍ଲେଖ କରନ୍ତି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍ ର.ଅ ପବିତ୍ର କୁରଆନ୍ ମଜିଦ୍‌ର ଆୟତ୍ **ୱ ଆଖରୁନା ତରଫୁ ବିଜୁନୁବିହିମ୍ ଖଲତୁ ଅମଲନ୍ ସାଲିହଉଁ ୱ ଆଖରା ସଇଅନ୍** । ଅନ୍ୟ କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ପାପକର୍ମ କରି ଥିବାର ସ୍ୱୀକାରୋକ୍ତି ପ୍ରକାଶ କରିଛନ୍ତି । ସେମାନେ ସୁକର୍ମ ଏବଂ କୁକର୍ମକୁ ପରସ୍ପର ମଧ୍ୟରେ ମିଶ୍ରିତ କରିଦେଇଛନ୍ତି । ତତ୍‌ସଂକ୍ରାନ୍ତରେ କୁହନ୍ତି, ଉକ୍ତ ଆୟତ୍‌ଟି ଅବୁ ଲବାବା ର.ଅ ଓ ତାଙ୍କ ସହିତ ୭, ୮ ଜଣ ବ୍ୟକ୍ତିଙ୍କ ସଂପର୍କିତ ଅଟେ । ଯେକି ତବୁକ୍ ଯୁଦ୍ଧରେ ବହୁ ପଛରେ ରହିଯାଇଥିଲେ । ପରବର୍ତ୍ତୀ ସମୟରେ ଏମାନେ ପ୍ରଭୁଙ୍କ ନିକଟରେ ଶରଣାପନ୍ନ ହୋଇ କ୍ଷମା ପ୍ରାର୍ଥନା କରି ନିଜକୁ ସ୍ତମ୍ଭ ସହିତ ବାନ୍ଧି ନେଇଥିଲେ । ସେମାନଙ୍କର ସୁକର୍ମ, କ୍ଷମା ପ୍ରାର୍ଥନା ଥିଲା ଏବଂ କୁକର୍ମ, ଜିହାଦ୍‌ରୁ ପଛରେ ରହିଯିବା ଅର୍ଥାତ ବିରତ ରହିବା ଥିଲା ।

ମଜ୍‌ମା ବିନ୍ ଜାରିୟା ବର୍ଣ୍ଣନା କରନ୍ତି ଯେ, ହ. ଅନିସ୍ ବିନ୍ କତାଦାଙ୍କ ଶାହାଦତ୍ ପରେ ତାଙ୍କର ପତ୍ନୀ ହ. ଖ୍ନ୍‌ସା ବିନ୍‌ତ୍ ଖିଦାମ୍‌ଙ୍କ ପିତାଶ୍ରୀ ମୁଜୈନା ସଂପ୍ରଦାୟର ଏକ ବ୍ୟକ୍ତି ସହିତ ତାଙ୍କର ବିବାହ କରାଇଦେଲେ ଯାହାକୁ ସେ ନାପସନ୍ଦ କରୁଥିଲେ । ଫଳତଃ ଆଁହଜରତ ସ.ଅ ତାଙ୍କର ନିକାହ୍‌କୁ ଫସ୍‌ଖ୍ ଅର୍ଥାତ ବିବାହ ବିଚ୍ଛେଦ କରିଦେଲେ । ଏହାପରେ ହ. ଅବୁ ଲବାବା ର.ଅ ତାଙ୍କୁ ବିବାହ କଲେ । ହ. ଅବୁ ଲବାବାଙ୍କୁ ଖ୍ନ୍‌ସାଙ୍କ ଗର୍ଭରୁ ହ. ସାଏବ୍ ବିନ୍ ଅବୁ ଲବାବା ନାମକ ଏକ ସନ୍ତାନ ପ୍ରାପ୍ତ ହୋଇଥିଲା । ଅବ୍‌ଦୁଲ୍ଲାଃ ବିନ୍ ଅବି ୟଜିଦ୍ କୁହନ୍ତି, ଆମେମାନେ ଯେତେବେଳେ ହ. ଲବାବା ର.ଅଙ୍କ ସହିତ ତାଙ୍କ ଘରକୁ ଗଲୁ ସେତେବେଳେ ସେଠାରେ ଜଣେ ବ୍ୟକ୍ତି ପୁରୁଣା ଛିଣ୍ଡା ବସ୍ତ୍ରରେ ବସିଥିଲା । ଉକ୍ତ ବ୍ୟକ୍ତି ଜଣକ କହିଲା, ମୁଁ ଆଁହଜରତ ସ.ଅଙ୍କ ଠାରୁ ଏହା ଶୁଣିଛି ଯେ, ଯେଉଁ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌କୁ ସୁନ୍ଦର କଣ୍ଠରେ ପଢେ ନାହିଁ, ସେ ଆମମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ ।

ପୁନଶ୍ଚ ଦ୍ୱିତୀୟ ସାହାବିଙ୍କର ଚର୍ଚ୍ଚା ରହିଛି । ଦ୍ୱିତୀୟ ସାହାବି ହେଲେ ହ. ଅବୁଜ୍ ଜିୟାହ୍ ବିନ୍ ସାବିତ୍ ବିନ୍ ନୁମାନ୍ ର.ଅ । ଏକ ବର୍ଣ୍ଣନାନୁଯାୟୀ ବଦର୍ ଯୁଦ୍ଧରେ ତାଙ୍କ ଗୋଇଠିରେ ପଥରର ତୀକ୍ଷ୍ଣ ମୁନର ଆଘାତ ଲାଗିବା ଫଳରେ ଯୁଦ୍ଧ ଭୂମିରୁ ସେ ଫେରି ଆସିଥିଲେ । ବସ୍ତୁତଃ ବିଜିତ ଧନ ସମ୍ପତ୍ତିରୁ ଆଁହଜରତ ସ.ଅ ତାଙ୍କର ଏକ ଅଂଶ ସାଇତି ରଖିଥିଲେ।

ତୃତୀୟ ସାହାବି ହେଲେ ହ. ଅନ୍‌ସା ର.ଅ । ଇମାମ୍ ଜହ୍‌ରୀ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଜୋହୋର୍ ନମାଜ୍ ପରେ ସାକ୍ଷାତ୍‌କାରୀ ଲୋକମାନଙ୍କୁ ସାକ୍ଷାତ୍ କରିବା ପାଇଁ ଅନୁମତି ପ୍ରଦାନ କରୁଥିଲେ ଏବଂ ଆଁହଜରତ ସ.ଅଙ୍କ ଠାରୁ ଏହି ଅନୁମତି ହ. ଅନ୍‌ସା ର.ଅ ପ୍ରାପ୍ତ କରୁଥିଲେ ।

ଚତୁର୍ଥ ସାହାବି ହେଲେ ହ. ମୁର୍ସଦ୍ ବିନ୍ ଅବି ମୁର୍ସଦ୍ । ଇମ୍ରାନ୍ ବିନ୍ ମନ୍ନାହ୍ କୁହନ୍ତି, ଯେତେବେଳେ ଅବୁ ମୁର୍ସଦ୍ ଓ ତାଙ୍କର ସୁପୁତ୍ର ମୁର୍ସଦ ବିନ୍ ଅବି ମୁର୍ସଦ୍ ମଦିନା ଅଭିମୁଖେ ପ୍ରବାସ କଲେ ସେତେବେଳେ ଆପଣ ର.ଅ ଦୁହେଁ ହ. କୁଲ୍‌ସୁମ୍ ବିନ୍ ହିଦମ୍ ର.ଅଙ୍କ ଅଭିମୁଖେ ଯାଇ ଛିଡ଼ାହେଲେ । ମୁହମ୍ମଦ୍ ବିନ୍ ଉମର୍ କୁହନ୍ତି ଯେ, ଆପଣ ର.ଅ ୱହୋଦ୍ ଯୁଦ୍ଧରେ ମଧ୍ୟ ସାମିଲ୍ ଥିଲେ । ହ. ଅବୁ ମୁର୍ସଦ୍ କନ୍ନାଜ୍ ର.ଅ ଓ ହ. ଅବୁ ହମ୍‌ଜା ର.ଅ ଉଭୟେ ସମବୟସ୍କ ଥିଲେ ଏବଂ ମିତ୍ର ମଧ୍ୟ ଥିଲେ । ହ. ଅବୁ ମୁର୍ସଦ୍ ଓ ତାଙ୍କର ସୁପୁତ୍ର ହ. ମୁର୍ସଦ୍ ଉଭୟଙ୍କୁ ବଦର୍ ଯୁଦ୍ଧରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଲାଭ ହୋଇଥିଲା ।

ପଞ୍ଚମ ସାହାବି ହେଲେ ମୁର୍ସଦ୍ କନ୍ନା ବିନ୍ ଅଲ୍‌ହୁସୈନ୍ ଅଲ୍‌ଗୁନୁୱୀ ର.ଅ । ରବିଉଲ୍ ମାସ୍ ୨ ହିଜ୍‌ରୀ ବର୍ଷରେ ଆଁହଜରତ ସ.ଅ ୩୦ ଜଣ ପ୍ରବାସୀ ଓଟପକ୍ଷୀ ଆରୋହୀଙ୍କର ଏକ ସୈନ୍ୟ ଟୁକୁଡ଼ି ନିଜର ଚଚା ହ. ହମ୍‌ଜା ବିନ୍ ଅବ୍‌ଦୁଲ୍ ମୁତଲ୍ଲିବ୍‌ଙ୍କ ନେତୃତ୍ୱରେ ମଦିନାର ପୂର୍ବ ଦିଗ ସୈଫୁଲ୍ ବହର୍ ଅଭିମୁଖେ ପ୍ରେରଣ କଲେ । ଯେଉଁଠି ମକ୍କାର ମହାନ ଅଧିପତି ଅବୁ ଜହଲ୍ ଓ ତାହାର ୩୦୦ ଅଶ୍ୱାରୋହୀମାନଙ୍କର ସୈନ୍ୟ ବାହିନୀ ସହିତ ମୁହାଁମୁହିଁ ହୋଇଥିଲେ । ଉଭୟ ସୈନ୍ୟବାହିନୀ ଯୁଦ୍ଧ ନିମନ୍ତେ ଧାଡ଼ି ବାନ୍ଧି ଛିଡ଼ା ହୋଇଗଲେ । ଉକ୍ତ ଅଞ୍ଚଳର ଅଧିପତି ମଜ୍‌ଦି ବିନ୍ ଉମ୍ରୋ ଅଲ୍ ଜୁହ୍‌ନୀ, ସମସ୍ତ ଅଧିପତିଙ୍କ ପ୍ରମୁଖ ମୁଇଦି ବିନ୍ ଉମ୍ରୋ ଅଲ୍ ଜୁହ୍‌ନୀ ଉଭୟ ସୈନ୍ୟବାହିନୀଙ୍କ ମଧ୍ୟରେ ବୁଝାମଣା କରାଇ ଦେଇଥିଲେ । ଫଳତଃ ଉଭୟ ସୈନ୍ୟବାହିନୀ ମଧ୍ୟରେ ଯୁଦ୍ଧ ସ୍ଥଗିତ ହୋଇଗଲା । ଉକ୍ତ ଅଭିଯାନଟି ସରିୟା ହମ୍‌ଜା ବିନ୍ ଅବ୍‌ଦୁଲ୍ ବିନ୍ ମୁତଲ୍ଲିବ୍ ନାମରେ ଖ୍ୟାତ ଅଟେ । ହ. ଅବୁ ମୁର୍ସଦ୍ ର.ଅ ମଧ୍ୟ ଉକ୍ତ ସରିୟାରେ ସାମିଲ୍ ଥିଲେ । ବର୍ଣ୍ଣନାରେ ଏହା ସୁପ୍ରସିଦ୍ଧ ଅଛି ଯେ, ନବୀ କରୀମ୍ ସ.ଅ ସର୍ବ ପ୍ରଥମ ଧ୍ୱଜା ବାନ୍ଧି ହ. ହମ୍‌ଜା ର.ଅଙ୍କୁ ପ୍ରଦାନ କରିଥିଲେ ଏବଂ ଉକ୍ତ ସରିୟାରେ ହ. ହମ୍‌ଜା ର.ଅଙ୍କ ଧ୍ୱଜା ହ. ଅବୁ ମୁର୍ସଦ୍ ଧରିଥିଲେ ।

ଷଷ୍ଠ ସାହାବି ହେଲେ ହ. ସୁଲୈଚ୍ ବିନ୍ କୈସ୍ ବିନ୍ ଉମ୍ରୋ ର.ଅ । ହ. ସୁଲୈଚ୍ ବିନ୍ କୈସ୍ ବିନ୍ ଉମ୍ରୋ ର.ଅଙ୍କ ସଂପର୍କ ଅନ୍‌ସାର୍ ସଂପ୍ରଦାୟର ଖଜ୍‌ରଜ୍ ଶାଖା ବନୁ ଅଦି ବିନ୍ ନଜ୍ଜାର ସହିତ ଥିଲା । ମକ୍କା ବିଜୟ ଓ ହୁନୈନ୍ ଯୁଦ୍ଧ ଅବସରରେ ଅନ୍‌ସାର୍‌ର ବନୁ ମାଜିନ୍ ସଂପ୍ରଦାୟର ଧ୍ୱଜା ହ. ସୁଲୈଚ୍ ବିନ୍ କୈସ୍ ର.ଅଙ୍କ ନିକଟରେ ରହିଥିଲା । ଯୁସର୍ ଯୁଦ୍ଧ ସଂପର୍କରେ କେତେକ ଇତିହାସବିତ୍ ୧୩ ହିଜ୍‌ରୀରେ ଲଢା ଯାଇଥିବାର ମତ ପ୍ରକାଶ କରୁଥିବା ବେଳେ ଆଉ କେତେକ ଇତିହାସବିତନେ ୧୪ ହିଜ୍‌ରୀ ବୋଲି ମତ ପ୍ରକାଶ କରନ୍ତି ଏବଂ ଏହା କୁହନ୍ତି ଯେ, ଏହି ଦୁଇ ତାରିଖ ମଧ୍ୟରୁ ଗୋଟିଏ ତାରିଖର ପ୍ରାରମ୍ଭରେ ହ. ଉମର୍ ର.ଙ୍କ ଖିଲାଫତ୍ କାଳରେ ମୁସଲମାନ ଓ ଫାର୍ସିମାନଙ୍କ ମଧ୍ୟରେ ଯୁସର ଯୁଦ୍ଧ ଘଟିଥିଲା । ଉକ୍ତ ଯୁଦ୍ଧରେ ୨ ହଜାର ଇରାନୀ ସୈନ୍ୟ ରଣ କ୍ଷେତ୍ରରେ ନିହତ ହୋଇଥିବାବେଳେ ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ଉକ୍ତ ଯୁଦ୍ଧରେ ୬ ହଜାର ସୈନ୍ୟବାହିନୀ ମୃତାହତ ହୋଇଥିଲେ । ଏହିପରି ଅନ୍ୟ କେତେକ ଲୋକଙ୍କ ତଥା ଇତିହାସବିତଙ୍କ ଅନୁଯାୟୀ ଉକ୍ତ ଯୁଦ୍ଧରେ ୧୮୦୦ କିମ୍ବା ୪୦୦୦ ମୁସଲମାନ ସୈନ୍ୟ ବୀରଗତି ପ୍ରାପ୍ତ କରିଥିଲେ। ସେହି ବୀରଗତି ପ୍ରାପ୍ତକାରୀଙ୍କ ମଧ୍ୟରେ ହ. ସୁଲୈଚ୍ ବିନ୍ କୈସ୍ ର.ଅ ମଧ୍ୟ ସାମିଲ୍ ଥିଲେ।

ସପ୍ତମ ସାହାବି ଜଣକ ହେଲେ ହ. ମୁଜଜ୍ଜିର୍ ର.ଅ । ହ. ମୁଜଜ୍ଜିର୍ ବିନ୍ ଜିୟାଦ୍ ର.ଅ ଅଶିକ୍ଷିତ ଯୁଗରେ ସୁୱୈଦ୍ ବିନ୍ ସାମିତ୍‌ଙ୍କୁ ହତ୍ୟା କରି ଦେଇଥିଲେ । ପରେ ହ. ମୁଜଜ୍ଜିର୍ ଓ ହ. ହାରିସ୍ ବିନ୍ ସୁୱୈଦ୍ ବିନ୍ ସାମିତ୍ ର.ଅ ଇସ୍‌ଲାମ୍ ଧର୍ମ ଗ୍ରହଣ କରି ନେଲେ । କିନ୍ତୁ ହ. ହାରିସ୍ ବିନ୍ ସୁୱୈଦ୍ ନିଜର ପିତାଙ୍କୁ ହତ୍ୟା କରିଥିବା ହତ୍ୟାକାରୀର ସନ୍ଧାନରେ ସନ୍ଧାନରତ ଥିଲେ । ୱହୋଦ୍ ଯୁଦ୍ଧରେ ଯେତେବେଳେ କୁରୈଶ୍‌ମାନେ ମୁସଲମାନମାନଙ୍କ ଉପରେ ପାଲଟା ଆକ୍ରମଣ କଲେ ସେତେବେଳେ ହାରିସ୍ ବିନ୍ ସୁୱୈଦ୍ ପଛ ପଟୁ ହ. ମୁଜଜ୍ଜିର୍ ର.ଅଙ୍କ ସ୍କନ୍ଧଚ୍ୟୁତ କରି ତାଙ୍କୁ ଶହୀଦ୍ କରିଦେଲେ । ହ. ଜିବ୍ରାଇଲ୍ ଅ.ସ ଆଁହଜରତ ସ.ଅଙ୍କୁ କହିଲେ, ହାରିସ୍ ବିନ୍ ସୁୱୈଦ୍ ପଶ୍ଚାତ ପାର୍ଶ୍ୱରୁ ଛଳନାପୂର୍ବକ ହ. ମୁଜଜ୍ଜିର୍ ର.ଅଙ୍କ ଉପରେ ଆକ୍ରମମ କରି ଶହୀଦ୍ କରିଦେଇଛି ଏବଂ ଆପଣ ସ.ଅଙ୍କୁ ହ. ଜିବ୍ରାଇଲ୍ ଅ.ସ ଏହି ଆଦେଶ ଦେଲେ,

ଆପଣ ସ.ଅ ହାରିସ୍‌କୁ ହ. ମୁଜଜିର୍‌ଙ୍କ ପ୍ରତିଶୋଧ ସ୍ୱରୂପ ବଧ କରନ୍ତୁ । ଅତଏବ ଆଁହଜରତ ସ.ଅଙ୍କ ଆଦେଶକ୍ରମେ ହ. ଉୱୈମ୍ ବିନ୍ ସାଆଦା ର.ଅ ମସ୍‌ଜିଦ୍ କୁବାର ଦ୍ୱାର ଠାରେ ହାରିସ୍ ବିନ୍ ସୁୱୈଦ୍‌କୁ ବଧ କରିଦେଲେ ।

ଅଷ୍ଟମ ସାହାବି ହେଲେ ହ. ରିଫାଅ ବିନ୍ ରାଫେ ବିନ୍ ମାଲିକ୍ ବିନ୍ ଉଜ୍‌ଲାନୀ ର.ଅ । ରିଫାଅ ବିନ୍ ରାଫେ ବିନ୍ ମାଲିକ୍ ବିନ୍ ଉଜ୍‌ଲାନୀ ନିଜର ଖାଲାଙ୍କ ପୁତ୍ର ମୁଆଜ୍ ବିନ୍ ଇଫ୍ରା ର.ଅଙ୍କ ସହିତ ମକ୍କା ପହଞ୍ଚିଲେ ଏବଂ ସନିୟା ପର୍ବତର ପାଦ ଦେଶରେ ଯେତେବେଳେ ଅବତୀର୍ଣ୍ଣ ହେଲେ ସେତେବେଳେ ସେ ଏକ ବ୍ୟକ୍ତିକୁ ଦେଖିଲେ । ସେ ଥିଲେ ଆଁହଜରତ ସ.ଅ । ଆମେ ତାଙ୍କୁ ଚିହ୍ନି ପାରି ନଥିଲୁ, ତେଣୁ ଆମେ କହିଲୁ ଅବତାରଦ୍ୱର ଦାବିଦାର କେଉଁଠି ଅଛି ? ଆପଣ ସ.ଅ କହିଲେ ସେହି ବ୍ୟକ୍ତି ଜଣକ ହେଉଛି ମୁଁ । ଆମର କହିବା ଯୋଗୁଁ ଆପଣ ସ.ଅ ଆମମାନଙ୍କୁ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ବୁଝାଇଲେ । ହ. ରିଫାଅ ର.ଅ ବୈତୁଲ୍ଲାଃର ପରିକ୍ରମା ପାଇଁ ଚାଲିଗଲେ ଏବଂ ଦୁଆ କଲେ । ଏହାପରେ ସେ କଲ୍‌ମା ପଢି ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେଲେ ।

ହ. ରିଫାଅ କୁହନ୍ତି ଯେ, ଦିନେ ଆମମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ମସ୍‌ଜିଦ୍‌ରେ ବସିଥିଲୁ କି ଜଣେ ଗାଉଁଲି ବ୍ୟକ୍ତି ନମାଜ୍ ପଢି ନବୀ କରୀମ୍ ସ.ଅଙ୍କୁ ସଲାମ୍ କଲା । ଆପଣ ସ.ଅ ତା' ସଲାମ୍‌ର ଉତ୍ତର ଦେଇ କହିଲେ, ପୁନଃ ଯାଇ ନମାଜ ପଢ ! ଉକ୍ତ ବ୍ୟକ୍ତି ଜଣକ ନମାଜ ପଢିଲେ ଏବଂ ଫେରି ଆସି ଆଁହଜରତ ସ.ଅଙ୍କୁ ସଲାମ୍ କଲେ । ଆପଣ ସ.ଅ ତାଙ୍କୁ ପୁନଶ୍ଚ ନମାଜ ପଢିବା ପାଇଁ ଆଦେଶ ଦେଲେ । ଏହିପରି ଭାବରେ ଦୁଇ ତିନି ଥର କହିଲେ । ପରିଶେଷରେ ଉକ୍ତ ଗାଉଁଲି ବ୍ୟକ୍ତି ଜଣକ ଆଁହଜରତ ସ.ଅଙ୍କୁ ନମାଜ ଶିଖାଇବା ପାଇଁ ଅନୁରୋଧ କଲେ ଏବଂ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ନମାଜ ପଢିବାର ପ୍ରଣାଳୀ ଶିଖାଇ ଦିଅନ୍ତୁ । ଆପଣ ସ.ଅ କହିଲେ, ଯେତେବେଳେ ତୁମେ ନମାଜ ପଢିବା ପାଇଁ ଛିଡ଼ା ହୁଅ ସେତେବେଳେ ତୁମେ ସର୍ବପ୍ରଥମେ ଅଲ୍ଲାଃତାଲାଙ୍କ ଆଦେଶାନୁଯାୟୀ ୱଜୁ କର । ପୁନଶ୍ଚ ପବିତ୍ର କୁରଆନ୍ କରୀମ୍ ଯଦି ସ୍ମରଣ ଥିବ ତେବେ ତାହାକୁ ପାଠ କର । ପୁନଶ୍ଚ ସ୍ଥିର ଚିତ୍ତରେ ରୁକୁ କର ଏବଂ ଏହାପରେ ସଂପୂର୍ଣ୍ଣ ରୂପେ ସଳଖ ହୋଇ ଛିଡ଼ା ହୋଇଯାଅ । ପୁନଶ୍ଚ ପୂର୍ଣ୍ଣ ଚିତ୍ତରେ ସିଜ୍‌ଦା କର । ଏହାପରେ ଧୈର୍ଯ୍ୟର ସହିତ ବସ । ପୁନଶ୍ଚ ସିଜ୍‌ଦା କରିବା ପରେ ଉଠି ବସ । ଯଦି ତୁମେ ଏହିପରି କରିନିଅ ତେବେ ତୁମର ନମାଜ ସଂପୂର୍ଣ୍ଣ ହୋଇଯିବ ଓ ଯଦି ତୁମେ ତହିଁରେ କୌଣସି ନ୍ୟୂନତା ଅବଲମ୍ବନ କଲ ତେବେ ତୁମେ ସେତିକି ହିଁ ନିଜ ନମାଜରେ ନ୍ୟୂନତା ପ୍ରଦର୍ଶନ କଲ ।

ନବମ ସାହାବି ହେଲେ ହ. ଉସୈଦ୍ ବିନ୍ ମାଲିକ୍ ବିନ୍ ରବିୟା ର.ଅ । ଇବ୍‌ନେ ଇସ୍‌ହାକ୍ କୁହନ୍ତି, ଅବୁ ଉସୈଦ୍ ବିନ୍ ମାଲିକ୍ ବିନ୍ ରବିୟା ର.ଅ ବଦର୍ ଯୁଦ୍ଧରେ ସାମିଲ୍ ଥିଲେ । ସେ ଯେତେବେଳେ ପରିଣତି ବୟସରେ ଦୃଷ୍ଟିଶକ୍ତି ହରାଇ ବସିଲେ ସେତେବେଳେ କହିଲେ, ମୁଁ ଯଦି ଆଜି ବଦର୍ ଯୁଦ୍ଧରେ ସାମିଲ୍ ଥାଆନ୍ତି ଓ ମୋର ଦୃଷ୍ଟିଶକ୍ତି ଭଲ ଥାଆନ୍ତା ତେବେ ମୁଁ ତୁମକୁ ସେହି ଘାଟି ଦେଖାଇ ଥାଆନ୍ତି ଯେଉଁଠି ଈଶ୍ୱରଦୂତମାନେ ବାହାରିଥିଲେ । ତହିଁରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ହ. ଅବୁ ଉସୈଦ୍ ମାଲିକ୍ ବିନ୍ ରବିୟା ର.ଅ କୁହନ୍ତି ଯେ, ଆମେମାନେ ଆଁହଜରତ ସ.ଅଙ୍କ ନିକଟରେ ବସିଥିଲୁ କି ବନୁ ସଲ୍‌ମା ସଂପ୍ରଦାୟର ଏକ ବ୍ୟକ୍ତି ଆସିଲା ଏବଂ କହିଲା, ମୋର ପିତାମାତାଙ୍କ ବିୟୋଗ ପରେ ବି ସେମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରିବାର ଆବଶ୍ୟକତା ରହିଛି କି ? ଆପଣ ସ.ଅ କହିଲେ, ହଁ । ସେମାନଙ୍କ ପାଇଁ ଦୁଆ କରିବା, **ଅସ୍ତଗଫିରୁଲ୍ଲାଃ** (କ୍ଷମାପ୍ରାର୍ଥନା) କରିବା, ସେମାନଙ୍କର ପ୍ରତିଜ୍ଞା ପୂରଣ କରିବା, ସେମାନଙ୍କର ସଂପର୍କୀୟଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରିବା ଏବଂ ସେମାନଙ୍କୁ ସାହାଯ୍ୟ କରିବା, ସେମାନଙ୍କ ବନ୍ଧୁବାନ୍ଧବଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଦ୍ୱାରା ଉକ୍ତ ମୃତକଙ୍କୁ ପୁଣ୍ୟଲାଭ ହୋଇଥାଏ ଏବଂ ସେମାନଙ୍କ ମୋକ୍ଷ ପ୍ରାପ୍ତିର ମାର୍ଗ ମଧ୍ୟ ସହଜ ଓ ସୁଗମ ହୋଇଯାଇଥାଏ ।

ଉସ୍‌ମାନ୍ ବିନ୍ ଅର୍କମ୍ ର.ଅ ନିଜର ପିତାଶ୍ରୀଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ ବଦର୍ ଯୁଦ୍ଧ ଦିନ କହିଲେ, ତୁମ ନିକଟରେ ଯେଉଁ ମାଲେ ଗନିମତ୍ ରହିଛି ତାହାକୁ ତୁମେ ଛାଡ଼ିଦିଅ । ଫଳତଃ ହ. ଅବୁ ଉସୈଦ୍ ଅସ୍‌ସାଆଦି ଆଏଦୁଲ୍ ମର୍ଜୁବାନ୍‌ର ଖଡ଼୍‌ଗ ରଖିଦେଲେ ଏବଂ ହ. ଅର୍କମ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ଉକ୍ତ ଖଡ଼୍‌ଗ ମାଗିନେଲେ । ଫଳତଃ ଆଁହଜରତ ସ.ଅ ତାଙ୍କୁ ସେହି ଖଡ଼୍‌ଗ ପ୍ରଦାନ କରିଦେଲେ ।

ଦଶମ ସାହାବି ହେଲେ ହ. ଅବ୍ଦୁଲ୍ଲାଃ ବିନ୍ ଅବ୍ଦୁଲ୍ ଅସଦ୍ ର.ଅ । ଆଁହଜରତ ସ.ଅ ଆପଣ ର.ଅଙ୍କୁ ଏକ ଧ୍ୱଜା ଦେଇ ବନୁ ଅସଦ୍ ସଂପ୍ରଦାୟର ମୂଳୋତ୍ପାଟନ ପାଇଁ ଦେଢଶହ ପ୍ରବାସକାରୀ ଓ ଅନ୍‌ସାର୍‌ମାନଙ୍କର ନେତୃତ୍ୱରେ ପ୍ରେରଣ କଲେ । ଆପଣ ର.ଅ ୱହୋଦ୍ ଓ ବଦର୍ ଯୁଦ୍ଧରେ ସାମିଲ୍ ଥିଲେ । ଆପଣ ର.ଅ ୱହୋଦ୍ ଯୁଦ୍ଧରେ ନିଜର ଏକ ବାହୁରେ ଆଘାତ ଲାଗିବା ଯୋଗୁଁ ଜମାଦିଉଲ୍ ଆଖିରର ୩ୟ ମାସ ଏବଂ ହିଜ୍‌ରୀ ବର୍ଷର ୪ର୍ଥ ବର୍ଷରେ ମୃତ୍ୟୁବରଣ କରିଥିଲେ ।

ଏକାଦଶ ସାହାବି ହେଉଛନ୍ତି ହ. ଖଲ୍ଲାଦ୍ ବିନ୍ ରାଫେଉଜ୍ ଜର୍କି ର.ଅ । ହ. ଖଲ୍ଲାଦ୍ ବିନ୍ ରାଫେଙ୍କ ସଂପର୍କ ଅନ୍‌ସାର ସଂପ୍ରଦାୟର ବନୁ ଖଜ୍‌ରଜ୍ ଶାଖା ଅନ୍ତର୍ଗତ ଉଜ୍‌ଲାନ୍ ସହିତ ଥିଲା ।  ଆଁହଜରତ ସ.ଅ ଯେଉଁ ବ୍ୟକ୍ତିକୁ ଦୁଇ ତିନି ଥର ନମାଜ ପଢିବା ପାଇଁ ଆଦେଶ ଦେଇଥିଲେ ଏବଂ ତା'ଙ୍କ କହିବାନୁଯାୟୀ ଆଁହଜରତ ସ.ଅ ତା'ଙ୍କୁ ନମାଜ ପଢିବାର ଶୈଳୀ ସଂପର୍କରେ ଶିଖାଇଥିଲେ, ସେହି ବ୍ୟକ୍ତି ହେଉଛନ୍ତି ହ. ଖଲ୍ଲାଦ୍ ବିନ୍ ରାଫେ ର.ଅ ।

ଦ୍ୱାଦଶ ସାହାବି ହେଉଛନ୍ତି ହ. ଉବ୍‌ବାଦ୍ ବିନ୍ ବଶର ର.ଅ । ଖନ୍ଦକ୍ ଯୁଦ୍ଧ ଅବସରରେ ତାଙ୍କୁ ଭରପୁର ସେବା କରିବାକୁ ସୁଯୋଗ ମିଳିଥିଲା । ହ. ଉବ୍‌ବାଦ୍ ବିନ୍ ବଶର୍ ର.ଅ ନବୀ କରୀମ୍ ସ.ଅଙ୍କ ଆଦେଶ କ୍ରମେ ଅବୁ ସୁଫିୟାନ୍ ଏବଂ କେତେକ ଅବିଶ୍ୱାସକାରୀଙ୍କ ସହିତ ମୁହାଁମୁହିଁ ହୋଇଥିଲେ ଏବଂ ସେମାନଙ୍କୁ ସେ ଫେରିଯିବାକୁ ବାଧ କରି ଦେଇଥିଲେ । ଇତ୍ୟବସରରେ ହ. ଉବ୍‌ବାଦ୍ ବିନ୍ ବଶର ର.ଅ ଆଁହଜରତ ସ.ଅଙ୍କ ଶିବିରର ସୁରକ୍ଷା ଦାୟିତ୍ୱରେ ମୁତୟନ ରହିବାର ମଧ୍ୟ ସାମର୍ଥ୍ୟ ଲାଭ କରିଥିଲେ । ହ. ଉମ୍ମେ ସଲ୍‌ମା ର.ଅ ବର୍ଣ୍ଣନା କରୁଥିଲେ ଯେ ଅଲ୍ଲାଃତାଲା ଉବାଦା ବିନ୍ ବଶର୍ ର.ଅଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ସେ ଆଁହଜରତ ସ.ଅଙ୍କ ସେହି ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ସାହାବି ଥିଲେ ଯେକି ସର୍ବାଧିକ ରୂପେ ଆପଣ ସ.ଅଙ୍କ ଶିବିର ସହିତ ସଂଶ୍ଳୀଷ୍ଟ ରହିଥିଲେ ଏବଂ ସର୍ବଦା ଆପଣ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ ।

ତ୍ରୟୋଦଶ ସାହାବି ହେଉଛନ୍ତି ହ. ହାତିବ୍ ବିନ୍ ଅବି ବଲ୍‌ତା ର.ଅ । ହ. ହାତିବ୍ ର.ଅଙ୍କର ବିୟୋଗ ୬୫ ହିଜରୀରେ ମଦିନାରେ ହୋଇଥିଲା ଏବଂ ହ. ଉସ୍‌ମାନ୍ ର.ଅ ତାଙ୍କର ନମାଜ ଯନାଜାଃ ପଢାଇଥିଲେ । ୟାକୁବ୍ ବିନ୍ ଅତ୍‌ବା ବର୍ଣ୍ଣନା କରନ୍ତି ଯେ, ହାତିବ୍ ବିନ୍ ଅବି ବଲ୍‌ତା ର.ଅ ନିଜର ମୃତ୍ୟୁ ଦିନ ୪ ହଜାର ଦିନାର ଓ ଦିର୍‌ହମ୍ ଛାଡ଼ି ଯାଇଥିଲେ । ଏକଦା ଆପଣ ର.ଅଙ୍କ ଏକ ଦାସ ଆଁହଜରତ ସ.ଅଙ୍କ ନିକଟରେ ଆପଣ ର.ଅଙ୍କର ଅଭିଯୋଗ ନେଇ ହାଜର ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହାତିବ୍  ଅବଶ୍ୟ ନର୍କଗାମୀ ହେବେ । ଆପଣ ସ.ଅ କହିଲେ ତୁ ମିଛ କହିଛୁ । ସେ କଦାପି ନର୍କଗାମୀ ହେବ ନାହିଁ । କାରଣ ସେ ବଦର୍ ଯୁଦ୍ଧ ଏବଂ ସୁଲାହ୍ ହୁଦୈବିୟାରେ ସାମିଲ ହୋଇଥିଲେ ।

ଖୁତ୍‌ବା ଅନ୍ତେ ହୁଜୁର ଅନୱର୍ ଅ.ବ କହିଲେ, ଅବଶିଷ୍ଟ ସାହାବାମାନଙ୍କର ଜୀବନୀ ଚର୍ଚ୍ଚା **ଇନ୍‌ଶାଅଲ୍ଲାଃ** ଆସନ୍ତାରେ ବର୍ଣ୍ଣନା କରିବି ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜକ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜିକ୍‌ରୁଲ୍ଲାହି ଅକ୍‌ବର୍ ।**

....................................

KHULASA KHUTBA JUMA HUZOOR ANWAR a.b.a

27th JAN. 2023